# "ମୋ ସ୍ତ୍ରୀ ଅତ୍ୟନ୍ତ ସରଳ ଓ ନିଷ୍କପଟ ଅଟେ" !

ମୋର ନାମ ଡକ୍ଟର୍ ସମ୍ପଦ୍ କୁମାର ଜେନା (ଛଦ୍ମନାମ) । ଘର ବାଲେଶ୍ୱରରେ । ମାତ୍ର ମୁଁ ଏବେ ଭୁବନେଶ୍ୱରରେ ଜଣେ ସ୍ଥାୟୀ ବାସିନ୍ଦା । ବାଲେଶ୍ୱରରେ ମୋର ବାପା ଜଣେ ପ୍ରତିଷ୍ଠିତ ଶିକ୍ଷକ । ଏବେ ସେ ଅବସର ଗ୍ରହଣ କରିସାରିଛନ୍ତି ଏବଂ ବାଲେଶ୍ୱରର  ଆମ ପରିବାରକୁ ପ୍ରାୟ ଲୋକ ଜାଣିଛନ୍ତି । କାରଣ ବାଲେଶ୍ୱରରେ ଆମର ବହୁ ବ୍ୟବସାୟୀକ ପ୍ରତିଷ୍ଠାନ ସହ ବହୁ ଜମି ରହିଛି । ବିବାହ ବୟସ ହେବାରୁ ଘରେ ବିଭିନ୍ନ ଜାଗାରେ ମୋ ପାଇଁ ଝିଅ ଖୋଜା ହେଉଥିଲା । ଆମର ଏକ ସରଳ ଓ ପରିବାରକୁ ସମ୍ଭାଳିଲାଭଳି ଝିଅର ଆବଶ୍ୟକତା ଥିଲା । ହଠାତ୍ ଦିନେ  ଭୁବନେଶ୍ୱରର ଏକ ମନ୍ଦିର ପାର୍ଶ୍ୱରେ ଜନୈକ ଅତ୍ୟନ୍ତ ସରଳ ନିରହ୍ଙ୍କାରର ଝିଅଟିଏ ସହିତ ମୋର ଦେଖାହେଲା । ଭଗବାନ୍ ବୋଧେ ଋହୁଁଥିଲେ ମତେ କିଛି ହଇରାଣ କରିବା ପାଇଁ  । କାରଣ ମୁଁ ବହୁ ଇଶ୍ୱର ବିଶ୍ୱାସୀ ଥିଲି । ଉକ୍ତ ଝିଅ ସହିତ ଦେଖା ହେବାପରେ ତା' ସହିତ ମୋର ବନ୍ଧୁତ୍ୱ ନିବିଡ଼ ହେଲା । କିଛିଦିନ ପରେ ଉକ୍ତ ଝିଅକୁ ମୁଁ ପଚାରିଲି ତୁମେ ମତେ ବିବାହ କରିବ କି ? ସେହି ଦିନ ତ ସେ କିଛି କହି ନଥିଲେ । ମାତ୍ର ତା'ର ଦୁଇ ଦିନ ପରେ ମତେ ପଚାରିଲେ ଆପଣ ମିଥ୍ୟା କହୁନାହାଁନ୍ତି ତ ? ସେ ହଁ କହିବା ପରେ ମୁଁ ଆମ ଘରେ ବାପାଙ୍କୁ ଜଣାଇଲି । ବାପା ଠିକଣା ନେଇ ସୁକିନ୍ଦାରେ ତାଙ୍କ ଘରେ ପହଞ୍ଚିଲେ । ମୋର ଶ୍ୱଶୁର ଘର ଅତ୍ୟନ୍ତ ଗରୀବ । ବିବାହ କରାଇଲା ଭଳି ଶକ୍ତି ମଧ ତାଙ୍କର ନାହିଁ । ସମସ୍ତ ସଜ ସାରଞ୍ଜାମ ଧରି ତା ୨୬-୦୪-୨୦୧୦ରିଖ ଦିନ ହିନ୍ଦୁର ବୈଦିକ ରିତି ଅନୁସାରେ ଆମର ବିବାହ ହୋଇଥିଲା । ବିବାହ ପରେ ସବୁ ଠିକ୍ ଠାକ୍ ଥିଲା । କିଛି ବର୍ଷ ପରେ ଆମର ଏକ ପୁତ୍ର ସନ୍ତାନ ଜନ୍ମ ହେଲା । ମାତ୍ର ସବୁବେଳେ ମୋର ଶ୍ୱଶୁର ମୋ ସ୍ତ୍ରୀକୁ ବାଧ କରନ୍ତି ତୁମେ ସୁକିନ୍ଦାରେ ଏକ ଘର କିଣି ରୁହ ଏବଂ ଜମିବାଡ଼ି କିଣ ଇତ୍ୟାଦି । ଏଥିରେ ମୁଁ ସମ୍ପୂର୍ଣ୍ଣ ଅରାଜି ହେବାରୁ ମୋର ସ୍ତ୍ରୀ ମୋତେ ଛୋଟ ଛୋଟ କଥାରେ କଳି ଝଗଡ଼ା କରିବା ଏପରିକି ମୁଁ ଜଣେ ଡକ୍ଟର ହୋଇଥିବାରୁ ଅନେକ ସମୟରେ ମୋତେ ମହିଳାମାନେ ଫୋନ୍ କରିଥାନ୍ତି । ଏହାକୁ ନେଇ ଘରେ ତୁମୁଳ କାଣ୍ଡ ସୃଷ୍ଟି କରାଇବା ଏପରିକି ମୋ ନାମରେ କେସ୍ କରି ପରିବାରକୁ ନଷ୍ଟ କରିଦେବାର ଧମକ ଦେଉଛି । ସବୁଠାରୁ ଦୁଃଖର କଥା ହେଉଛି ମୁଁ ମଧ ସବୁ ବାପାଙ୍କ ଭଳି ମୋ ପୁଅକୁ ଅତ୍ୟନ୍ତ ଭଲପାଏ । ଘରକୁ ପଶିଲା ପରେ ପୁଅର ଡାକ ନଶୁଣିଲେ ମୋତେ ବହୁ କଷ୍ଟ ହୁଏ । ମୋ ସ୍ତ୍ରୀ ଅତ୍ୟନ୍ତ ସରଳ ଓ ନିଷ୍କପଟ ଅଟେ । ମାତ୍ର ତାଙ୍କ ବାପା ଅର୍ଥାତ୍ ମୋ ଶ୍ୱଶୁରଙ୍କ କଥାରେ ସେ ପଡି ସେ ଏବେ ଆମ ପରିବାରକୁ ନର୍କ କରି ସାରିଲେଣି । ଗତ ତା ୧୧-୦୪-୨୦୧୬ରିଖରେ ସୁକିନ୍ଦା ଥାନାରେ ମୋ ନାମରେ ଏକ ମିଥ୍ୟା ଅଭିଯୋଗ କରାଯାଇଥିଲା । ଭଗବାନଙ୍କ ଅଶେଷ ଧନ୍ୟବାଦ୍, ସୁକିନ୍ଦା ଥାନାର ଭାରପ୍ରାପ୍ତ ଅଧିକାରୀ ମୋର ପ୍ରକୃତ ଘଟଣା ବୁଝି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ମୋତେ ଫେରାଇ ଦେଇଥିଲେ । ଥାନାରୁ ତ ମୁଁ ସେଦିନ ପଳାଇ ଆସିଥିଲି । କିନ୍ତୁ କଷ୍ଟ କଥା ହେଲା ମୋର ଶ୍ୱଶୁର ଥାନା ବାବୁଙ୍କ ଆଗରେ ଚିଲାଇ କରି କହିଲେ ତୁମକୁ ଏହା ଟ୍ରେଲର୍ ଦେଖାଗଲା । ଆମ କଥାରେ ରାଜି ନହେଲେ ତମକୁ ସମ୍ପୂର୍ଣ୍ଣ ଫିଲ୍ମ ଦେଖାଇବୁ । ଘରେ ମୋର ପୁଅକୁ ନପାଇ ସମ୍ପୂର୍ଣ୍ଣ ଘରଟି ମୋତେ ବିରକ୍ତ ଅନୁଭବ ହେଉଛି । ମାନସୀକ ଭାବରେ ମୁଁ ସମ୍ପୂର୍ଣ୍ଣ ଭାଙ୍ଗୀ ପଡ଼ିଛି । ରୋଗୀ ସେବା ତ ଦୂରର କଥା ମୁଁ ନିଜେ କିଭଳି ବଞ୍ଚିବି ତାହା ମଧ ଚିନ୍ତା କରିପାରୁ ନାହିଁ । ମୋର କିଛି ଆଇନ୍‌ଜୀବୀ ବନ୍ଧୁ ଅଛନ୍ତି, ଯେଉଁମାନେ ମୋତେ ପରାମର୍ଶ ଦେଉଛନ୍ତି ଭୁବନେଶ୍ୱର ପରିବାର ଅଦାଲତରେ କେସ୍‌ଟିଏ କରିଦେବା ପାଇଁ । ହେଲେ କେସ୍‌ଟିଏ କଲେ ମୋର ପରିବାର ପୁଣି ଯେଉଁଭଳିଥିଲା ସେଭଳି ହୋଇଯିବକି ଏହାର ସଠିକ୍ ଉତ୍ତର କ'ଣ ତାହା ମୋତେ କିଏସ୍ ଦେବ  ?

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍  (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର : ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।